୧୬ **ପ୍ର: ଜେଲିମାଛ ମାନଙ୍କର ଦଳକୁ କ'ଣ କୁହାଯାଏ ?**

ଉ : ଜେଲିମାଛ ମାନଙ୍କର ଦଳକୁ ବ୍ଲୁମ, ସ୍ୱାର୍ମ କିମ୍ବା ସ୍ମାକ୍ କୁହାଯାଏ ।

୧୭ **ପ୍ର: ଜେଲିମାଛ ଯନ୍ତ୍ରଣା ଅନୁଭବ କରିପାରେ କି ?**

ଉ : ଜେଲିମାଛ ମନୁଷ୍ୟ ମାନଙ୍କ ଭଳି ଯନ୍ତ୍ରଣା ଅନୁଭବ କରିପାରନ୍ତି ନାହିଁ। ସେମାନଙ୍କର ମସ୍ତିସ୍କ, ହୃତ୍ ପିଣ୍ଡ, ହାଡ଼ ଏବଂ ଶ୍ୱାସ ତନ୍ତ୍ର ପ୍ରଣାଳୀ ନଥାଏ। ସେମାନଙ୍କର ଶରୀର ୯୫ ପ୍ରତିଶତ ଜଳ ଏବଂ ଜାଲ ସଦୃଶ ସ୍ନାୟୁତନ୍ତ୍ରରେ ଗଠିତ ହୋଇଥାଏ ଯାହା ସେମାନଙ୍କୁ ସେମାନଙ୍କ ପରିବେଶକୁ ଅନୁଭବ କରିବାରେ ସହାୟତା କରେ।

୧୮ **ପ୍ର: ଅନ୍ଧାରରେ ଜେଲିମାଛ ଚମକି ଥାନ୍ତି କି ?**

ଉ : ହଁ । ସେମାନେ ଅନ୍ଧାରରେ ବି ଚମକିଥାନ୍ତି। କେତେକ ଜେଲିମାଛ ମାନଙ୍କର ଜୈବ ସନ୍ଦିପ୍ତ ଅଙ୍ଗ ଥାଏ ଯାହା ସେମାନଙ୍କୁ ଆଲୋକ ଉତ୍ସର୍ଜ କରିବାରେ ସାହାର୍ଯ୍ୟ କରେ । ଶିକାରୀ ମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ଏହା ଏକ ଆତ୍ମରକ୍ଷା ପ୍ରଣାଳୀ ଭାବେ ବ୍ୟବହାର ହୁଏ ବୋଲି ବିଶ୍ୱାସ କରାଯାଏ, କିନ୍ତୁ ଶିକାରକୁ ଆକର୍ଷଣ ବା ସମଜାତି ସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ମଧ ବ୍ୟବହାର କରନ୍ତି ।

୧୯ **ପ୍ର: ଜେଲିମାଛ ମାନଙ୍କର ପ୍ରଜନନ କିପରି ହୋଇଥାଏ ?**

ଉ : ଜେଲିମାଛ ମାନଙ୍କର ପ୍ରଜନନ ଉଭୟ ଲିଙ୍ଗୀୟ ଓ ଅଲିଙ୍ଗୀୟ ପ୍ରଣାଳୀରେ ହୋଇଥାଏ ।

୨୦ **ପ୍ର: ଜେଲିମାଛ ମାନେ ପ୍ଲାବକ କି ?**

ଉ : ଜେଲିମାଛ ମାନେ ପ୍ରାଣୀଜ ପ୍ଲାବକ (ଏହା ଗ୍ରୀକ ଶବ୍ଦ 'ପ୍ଲାଙ୍କ୍ଟୋସ' ରୁ ଆସିଛି , ଯାହାର ଅର୍ଥ ବିଚରଣ ବା ଭାସମାନ) ଏବଂ ଏମାନେ ଭଲ ସନ୍ତରଣ କରି ପାରନ୍ତି ନାହିଁ, ତେଣୁ ସେମାନେ ସମୁଦ୍ରର ସ୍ରୋତରେ ଭାସିଥାନ୍ତି।

୨୧ **ପ୍ର: କେତେ ପ୍ରକାରର ଜେଲିମାଛ ଭାରତୀୟ ଉପକୂଳ ଅଞ୍ଚଳରେ ମିଳେ?**

ଉ : ଭାରତରେ ୨୧୨ ପ୍ରଜାତିର ହାଇଡ୍ରୋଜୋଆ (Hydrozoa), ୩୭ ପ୍ରଜାତିର ସ୍କାଇଫୋଜୋଆ (Scyphozoa), ୫ ପ୍ରଜାତିର କ୍ୟୁବୋଜୋଆ (Cubozoa) ମିଳିଥାନ୍ତି।

୨୨ **ପ୍ର: ଜେଲିମାଛ ଖାଇବା ଯୋଗ୍ୟ କି ?**

ଉ : ହଁ, ସାରା ପୃଥିବୀ ରେ ୩୮ ପ୍ରଜାତିର ଜେଲିମାଛକୁ ମନୁଷ୍ୟ ଖାଦ୍ୟ ଭାବେ ଗ୍ରହଣ କରୁଥିବାର ତଥ୍ୟ ରହିଛି। ଜେଲିମାଛକୁ ପ୍ରକ୍ରିୟାକରଣ ଦ୍ୱାରା ମନୁଷ୍ୟ ମାନଙ୍କ ପାଇଁ ଖାଦ୍ୟ ଉପଯୋଗୀ କରିବାରେ ଚୀନ ହେଉଛି ପ୍ରଥମ ଦେଶ। ଭାରତରେ ଚାରି ପ୍ରଜାତିର ଜେଲିମାଛର ପ୍ରକ୍ରିୟାକରଣ ହେଉଛି ଏବଂ ଦକ୍ଷିଣପୂର୍ବ ଏସିଆ ମହାଦେଶକୁ ରପ୍ତାନି କରାଯାଉଛି ।


**Compiled By:**

**Subal Kumar Roul, Rajesh Kumar Pradhan, Praksh Chandra Das, Menaka Das, Raju Saravanan**

**Puri Field Centre of ICAR-CMFRI, Puri– 752 002, Odisha**



**Prepared under the Project: MBD/JLY/32, Pamphlet No. : 86/2020**


# ଜେଲିତଥ୍ୟ





**ICAR-Central Marine Fisheries Research Institute**

**Puri Field Centre, Puri -752 002, Odisha**

**ଭା.କୃ.ଅନୁ.ପ. – କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଗବେଷଣା ସଂସ୍ଥା**

**ପୁରୀ କ୍ଷେତ୍ର କେନ୍ଦ୍ର, ପୁରୀ-୭୫୨ ୦୦୨, ଓଡ଼ିଶା, ଭାରତ**



www.cmfri.org.in

୧ **ପ୍ର: ବିଶ୍ୱ ଜେଲି ମତ୍ସ୍ୟ ଦିବସ କେବେ ପାଳନ କରାଯାଏ ?**

ଉ : ପ୍ରତ୍ୟେକ ବର୍ଷ ନଭେମ୍ବର ତିନି ତାରିଖ ଦିନ ବିଶ୍ୱ ଜେଲି ମତ୍ସ୍ୟ ଦିବସ ପାଳନ କରାଯାଏ ।

୨ **ପ୍ର: ଜେଲିମାଛ ପ୍ରକୃତରେ ଏକ ମାଛ ଅଟେ କି ?**

ଉ : ନା, ଜେଲିମାଛ ପ୍ରକୃତରେ ମାଛ ନୁହେଁ। କାରଣ ସେମାନେ ନିଡାରିଆ (Cnidaria) ସମୁଦାୟର ଏକ ଅମେରୁଦଣ୍ଡୀ ପ୍ରାଣୀ ଅଟନ୍ତି।

୩ **ପ୍ର: ଜେଲିମାଛ ମାନେ କେବେ ଠାରୁ ପୃଥିବୀରେ ରହିଆସୁଛନ୍ତି ?**

ଉ : ଏମାନଙ୍କର ଅସ୍ତିତ୍ୱ ମାନବ ଜାତି ତଥା ଡାଇନୋସର ମାନଙ୍କର ବହୁ ପୂର୍ବରୁ ଥିଲା ।ଏମାନେ ୬୫୦ ନିୟୁତ ବର୍ଷ ଧରି ସମୁଦ୍ରରେ ରହିଆସୁଛନ୍ତି ।

୪ **ପ୍ର : ଜେଲିମାଛ ସାଧାରଣତଃ କେଉଁଠାରେ ମିଳନ୍ତି ?**

ଉ : ଜେଲିମାଛ ଉଭୟ ସାମୁଦ୍ରିକ ଏବଂ ମଧୁର ଜଳରେ ମିଳନ୍ତି । ମଧୁର ଜଳରେ ମିଳୁଥିବା ଜେଲିମାଛ ଗୁଡ଼ିକ ଅପେକ୍ଷାକୃତ ସାନ ଏବଂ ବିପଦ ଶଙ୍କୁଳ ହୋଇନଥାନ୍ତି ।

୫ **ପ୍ର : ଜେଲିମାଛ ମାନଙ୍କର ଶାରୀରିକ ଗଠନ କେଉଁଥିରେ ହୋଇଥାଏ ?**

ଉ : ଜେଲିମାଛ ମାନଙ୍କ ଶରୀର ୯୦ ପ୍ରତିଶତ ରୁ ଅଧିକ ଜଳରେ ଗଠିତ ହୋଇଥାଏ ।

୬ **ପ୍ର : ଜେଲିମାଛ ମାନଙ୍କର ମସ୍ତିସ୍କ ଥାଏ କି ?**

ଉ : ଜେଲିମାଛ ମାନଙ୍କର ମସ୍ତିସ୍କ, ହୃତ୍ ପିଣ୍ଡ, ରକ୍ତ,ଏବଂ ହାଡ଼ ନଥାଏ। ଏମାନଙ୍କର କେବଳ ସ୍ନାୟୁ ତନ୍ତ୍ର ଥାଏ, ଯାହା ପରିବେଶ ପରିବର୍ତ୍ତନକୁ ଅନୁଭବ କରିପାରେ ଏବଂ ଅନ୍ୟ ପ୍ରାଣୀ ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରିଥାଏ।

୭ **ପ୍ର: ଜେଲିମାଛ ମାନଙ୍କର ଆଖି ଥାଏ କି ? ସେମାନେ ପାଣି ଭିତରେ ଦେଖିପାରନ୍ତି କି ?**

ଉ : ବକ୍ସଜେଲିମାଛ ମାନଙ୍କର ଆଖି ଥାଏ। ବାସ୍ତବରେ ସେମାନଙ୍କର ସମୁଦାୟ ୨୪ ଗୋଟି ଆଖି ଥାଏ, ଯାହା ଦ୍ୱାରା ସେମାନଙ୍କ ରାସ୍ତା ରେ ଆସୁଥିବା ଯେକୌଣସି ବସ୍ତୁକୁ ଜାଣି ପାରନ୍ତି।

୮ **ପ୍ର : ଜେଲିମାଛ ମାନେ କ'ଣ ଖାଆନ୍ତି ?**

ଉ : ଜେଲିମାଛ ମାନେ ବିଭିନ୍ନ ପ୍ରଜାତିର ପ୍ରାଣୀ ମାନଙ୍କୁ ଖାଇଥାନ୍ତି, ଯଥା କ୍ଷୁଦ୍ର, ଭାସମାନ ସାମୁଦ୍ରିକ ପ୍ଲାବକ ପ୍ରାଣୀ ଏବଂ ବ୍ରାଇନ ଶ୍ରୀମ୍ପ । ବଡ଼ବଡ଼ ଜେଲିମାଛ ମାନେ ସାଧାରଣତଃ ମାଛ ଅଣ୍ଡା, ସାମୁଦ୍ରିକ ଗେଣ୍ଡା ଏବଂ କଙ୍କଡ଼ା ଖାଇଥାନ୍ତି । ଅତ୍ୟଧିକ ବଡ଼ ଜେଲିମାଛ ମାନେ ଛୋଟମାଛ ଏବଂ ବେଳେ ବେଳେ ନିଜ ପ୍ରଜାତିର ଛୋଟ ଜେଲୀ ମାଛଙ୍କୁ ଖାଇଥାନ୍ତି।

୯ **ପ୍ର: ଅଧିକାଂଶ ଜେଲିମାଛ ମାନଙ୍କର ଜୀବନ କାଳ କେତେ ହୋଇଥାଏ ?**

ଉ : ଅଧିକାଂଶ ପ୍ରଜାତିର ଜେଲିମାଛ ଏକ ରୁ ଦୁଇ ବର୍ଷ ଯାଏ ବଞ୍ଚିଥାନ୍ତି ଏବଂ କେତେକ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ମଧ ବଞ୍ଚିଥାନ୍ତି ।

୧୦ **ପ୍ର: ଜେଲିମାଛ ଗୁଡ଼ିକ ମଣିଷ ପାଇଁ ବିଷାକ୍ତ କି ?**

ଉ: ଜେଲିମାଛ ମାନେ ତାଙ୍କର ଦଂଶନ ଅନୁସାରେ ବିଷ ଉତ୍ପନ୍ନ କରିଥାନ୍ତି। କେବଳ ମାତ୍ର ୨ ପ୍ରତିଶତ ଜେଲିମାଛମାନଙ୍କର ବିଷ ମଣିଷ ମାନଙ୍କ ପାଇଁ ଅତ୍ୟଧିକ କ୍ଷତିକାରକ ହୋଇଥାଏ ।

୧୧ **ପ୍ର: ବିଶ୍ୱରେ କେଉଁ ଜେଲିମାଛ ଅତ୍ୟନ୍ତ ପ୍ରାଣଘାତୀ ଅଟେ ?**

ଉ: ସମଗ୍ର ବିଶ୍ୱରେ ଜେଲିମାଛଙ୍କ ମଧ୍ୟରୁ ବକ୍ସ ଜେଲିମାଛ (*Chironex fleckeri* ) ଅତ୍ୟନ୍ତ ପ୍ରାଣଘାତୀ ଅଟେ। ଏହା ସାଧାରଣତଃ ଉତ୍ତର ଅଷ୍ଟ୍ରେଲିଆ ଏବଂ ଭାରତ-ପ୍ରଶାନ୍ତ ମହାସାଗରର ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାହାନ୍ତି। ବକ୍ସ ଜେଲିମାଛ ମାନଙ୍କର ୨୪ଟି ଆଖି ଏବଂ ୧୫ଟି ସ୍ୱର୍ଶକ ଥାଏ, ଯାହାର ଲମ୍ବ ୩ ମିଟର ପର୍ଯ୍ୟନ୍ତ ହୋଇଥାଏ ।

୧୨ **ପ୍ର: ମୃତ ଜେଲିମାଛ ଦଂଶନ କରିପାରେ କି ?**

ଉ: କୂଳରେ ଭାସି ଆସୁଥିବା ମୃତ ଜେଲିମାଛ ମଧ ଦଂଶନ କରିପାରେ। ଏହି ଜେଲିମାଛ ମାନଙ୍କୁ ସ୍ୱର୍ଶ କଲେ, ସ୍ୱର୍ଶକରେ ରହିଥିବା ଦଂଶନ କୋଷ ଗୁଡିକ ବିଷ ନିର୍ଗତ କରିଥାନ୍ତି। ଜେଲିମାଛ ମାନଙ୍କୁ ଖାଲି ହାତରେ ସ୍ୱର୍ଶ କରିବା ଅନୁଚିତ।

୧୩ **ପ୍ର: ଜେଲିମାଛ ଦଂଶନର ଚିକିତ୍ସା କିପରି କରିବ। ?**

ଉ : ଅଧିକାଂଶ ଜେଲିମାଛର ଦଂଶନ ପ୍ରାଣଘାତୀ ହୋଇନଥାଏ। କ୍ଷତ ସ୍ଥାନରେ ଭିନେଗାର୍ ଲଗାଇଲେ, ଏହା ଦଂଶିକା କୋଷକୁ ନିଷ୍କ୍ରିୟ କରିଥାଏ ଏବଂ ଯନ୍ତ୍ରଣାରୁ ଉପଶମ ମିଳେ। କ୍ଷତ ସ୍ଥାନକୁ କେବେ ବି ମଧୁର ଜଳରେ ଧୋଇବା କିମ୍ବା କୁଣ୍ଡାଇବା ଉଚିତ ନୁହେ। ବକ୍ସ ଜେଲିମାଛ ଦଂଶନ କଲେ ତୁରନ୍ତ ଚିକିତ୍ସାଳୟରେ ପରାମର୍ଶ କରନ୍ତୁ ।

୧୪ **ପ୍ର: ସମସ୍ତ ଜେଲିମାଛ ଅମର କି ?**

ଉ : ବିଭିନ୍ନ ପ୍ରଜାତିର ଜେଲିମାଛ ମାନଙ୍କର ଜୀବନ କାଳ ଭିନ୍ନ ଭିନ୍ନ ହୋଇଥାଏ। ସେମାନଙ୍କ ମଧ୍ୟରୁ କିଛି ପ୍ରଜାତି ଅଳ୍ପଦିନ ପାଇଁ ବଞ୍ଚୁଥିବାବେଳେ ଆଉ କିଛି ଗୋଟିଏ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ଟୁରିଟପ୍ସିସ ଦୋହର୍ନିଇ (*Turritopsis dohrnii* ) ପ୍ରଜାତିର ଗୋଟିଏ ଜେଲିମାଛକୁ ଅମର ବୋଲି କୁହାଯାଏ। ଯେତେବେଳେ ଏହି ଜେଲିମାଛ ବୃଦ୍ଧ, ରୋଗାଗ୍ରସ୍ତ କିମ୍ବା ବିପଦ।ମୁଖୀ ହୋଇଥାଏ ଏହାର ବଞ୍ଚିରହିବାର ପ୍ରଣାଳୀ ଏହାକୁ ପୂର୍ଣ୍ଣ ଯୁବାବସ୍ଥାକୁ ଫେରାଇଆଣେ।

୧୫ **ପ୍ର: ଜେଲିମାଛ କ'ଣ ଉପକାର କରେ ?**

ଉ : ଜେଲିମାଛ ସମୁଦ୍ରର ସୁସ୍ଥ ବାତାବରଣ ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେମାନେ ପ୍ଲାବକ ଏବଂ କ୍ଷୁଦ୍ର ମାଛ ଭଳି ଶିକାରକୁ ସ୍ୱର୍ଶକ ସାହାର୍ଯ୍ୟରେ ଅଚଳ କରି ଶୀଘ୍ର ଗିଳି ଏମାନଙ୍କର ସଂଖ୍ୟା ନିୟନ୍ତ୍ରିତ କରିଥାନ୍ତି। ଜେଲିମାଛମାନେ କାର୍ବନକୁ ଗଭୀର ସମୁଦ୍ରକୁ ସ୍ଥାନାନ୍ତରିତ କରିବା ଦ୍ୱାରା ସାମୁଦ୍ରିକ ଜୈବ ବିବିଧତାର ଉନ୍ନତି ଆସିଥାଏ। ଅନେକ ସାମୁଦ୍ରିକ ଜୀବ ଯଥା ଟ୍ରିଗର ମାଛ, ସନ ମାଛ, ଏବଂ ସାମୁଦ୍ରିକ କଇଁଚ ଜେଲିମାଛକୁ ଖାଦ୍ୟରୂପେ ପସନ୍ଦ କରନ୍ତି ।